# ସ୍ବରାଜ

କବି ରଘୁନାଥ ଦାସ

ବିକଳ ମିଶ୍ର ଯେତେବେଳେ ଦାଣ୍ଡ ଦୁଆରେ ପଥର ପିଣ୍ଡା ଉପରେ ବସି ସୁତାବନ୍ଧା ପରଚକ୍ଷୁକୁ ନାକରେ ଠେସ ଦେଇ ସାପ୍ତାହିକ ଖବରକାଗଜର ବଡ଼ ଫର୍ଦ୍ଦଟା ଦି ହାତରେ ଧରି ଗଳା ଖଙ୍କାରାଟାଏ ଦିଅନ୍ତୁ, ଗାଁରୁ ଗୋଟିଏ ପରେ ଗୋଟିଏ ପାଞ୍ଚ ସାତ ପନ୍ଦର ଲୋକ ସେଠିକି ଗଡ଼ନ୍ତି। ବିନା ବାରିକ ସାନ୍ତରା ସାହିକି ଛଅର କରିପାକୁ ଯିବା ବାଟରେ କାଖରେ। ମୁଠି ଯାକି ମିଶ୍ରଙ୍କ ପିଣ୍ଡା ତଳେ ବସି ପଡି କାନ ପାତାଏ ସାଆନ୍ତଙ୍କ କଥାକୁ; ଗାଁ ଦାଣ୍ଡରେ ବିଲକୁ ଲଙ୍ଗଳ ନେଇ ବାହାରିଥିବା ଲୋକ ହ' କରି ଦଣ୍ଡେ ଛିଡ଼ା ହୋଇଯାଏ ଦି କଥା କାନରେ ପକାଇ ଦେବାକୁ; ରତନ ଜନମୁଁ ନନ୍ଦଙ୍କ ଘରେ ଗୋରୁ କୁଣ୍ଡକୁ ପାଣି ବୁହାଉ ବୁହାଉ ତା'ର ବିସ୍ମୟ ପ୍ରକାଶ କରି ପକାଏ, ' କୁଆଡୁ ଆଣି କେତେ ରାଇଜର କଥା  କହୁଚି କି ଲୋ ମା' ଏ ଖବର କାଗଜରେ ।" ଶ୍ରଦ୍ଧାଶୀଳ ଶ୍ରୋତାମାନଙ୍କୁ ମିଶ୍ରେ ଶୁଣାନ୍ତି କେତେ ମୁଲକର ହାଲ, କୋଉଠି ରେଙ୍ଗୁନର ତେଲକମ୍ପାନୀରେ ନିଆଁ ଲାଗି ଯାଇଥିଲା, କୋଉଠି ନଈ ବଢ଼ି ହୋଇ ଗାଁ ଗଣ୍ଡା ସବୁ ଭସେଇ ନେଇ ଚାରିଆଡ଼େ ଜଳାର୍ଣ୍ଣବ ଏକାକାର କରି ଦେଇଛି, ଲୋକେ ଗଛ ଉପରେ ତିନି ତିନି ଦିନ ଅଖିଆ ବସି ଜୀବନ ବଞ୍ଚେଇଛନ୍ତି। ଶ୍ରୋତାମାନେ ଶୁଣି ଆହା ଆହା  କରନ୍ତି। ଖବର କାଗଜରେ କହେ କୋଉଠି ରୁଷିଆ ଇମିତିକା ବୋମା ବାହାର କରିଛି ଯେ ଯିଏ ସେ ଶବଦ ଶୁଣିବ ଠୋ କରି ତା ପ୍ରାଣ ଛାଡିଯିବ। ଏକଥା ଶୁଣି ଧନିଆ ଛାନିଆରେ ଆଁଟା କରି ପକାଏ। ମିଶ୍ରଙ୍କୁ ବେଢ଼ି ଏ ଯେଉଁ ଜନତା  ଜମେ ,ସେମାନଙ୍କ ମଧରେ ସେଠି ନାନା ଆଲୋଚନା ଚାଲେ, ନାନା ମନ୍ତବ୍ୟ ବାହାରେ, ମତାନ୍ତର ଓ ମତଭେଦ ହୁଏ, ଶେଷକୁ କଥାଟା ତୁଟି ନ ପାରିଲେ ମିଶ୍ରଙ୍କୁ  ସିଦ୍ଧାନ୍ତ ପାଇଁ ପଚାରଯାଏ। ମିଶ୍ରେ ଯାହା କହି ନିଅନ୍ତି ତାକୁ ସମସ୍ତେ ସାର ବୋଲି ମାନି ନିଅନ୍ତି। ପଢୁ ପଢୁ ଯେବେ କିଛି ଅପସନ୍ଦ ଘଟଣା ମିଶ୍ର ଶୁଣାନ୍ତି, ଯିମିତିକା କୋଉଠି ଏକା ଥରକେ ତିନିପିଲା ଜନ୍ମ ହୋଇଛନ୍ତି, କି କୋଉଠୁ ମାଇପିଟାଏ ମରଦ ପାଲଟିଗଲା, ବୁଢ଼ା ବୁଢ଼ା ଲୋକ ଯିଏ ଥାଆନ୍ତି, ' କିକାଳ ହେଲାରେ ବାପା! ସବୁ କଥା ଏ କାଳକୁ ସମ୍ଭବିଲା।"

କଂଗ୍ରେସ ଗୋଳ ଯୋଉ ଦିନଠୁ ଦେଶରେ ପଡିଲା। ମିଶ୍ରଙ୍କ ପାଖେ ଶ୍ରୋତାଙ୍କ ସଂଖ୍ୟା ସେହିଦିନଠାରୁ ବଢ଼ିଛି। ଲୋକ ବଡ଼ ଆଗ୍ରହରେ ପଚାରନ୍ତି,-ସାଆନ୍ତେ, ଗାନ୍ଧି ରଜା ହେବଟି? କଂଗ୍ରେସ କ'ଣ କରୁଛି?ଗାନ୍ଧିଲୋକ ସରକାରକୁ ସତେ କ'ଣ ହଟେଇ ଦେବେ? ମିଶ୍ରେ କାଗଜରେ ଥିବ ନଥିବା କଥା ମିଶେଇ ଲୋକଙ୍କୁ ଆଶ୍ବାସନା ଦିଅନ୍ତି। କଂଗ୍ରେସ ଅଙ୍ଗରେଜୀ ସରକାର ସାଙ୍ଗରେ ଲଢୁଛି। ଗୁଳିମାଡ଼ରେ କେତେ ଲୋକ କାହିଁ ମଲେଣି, ତବେ ବି କଂଗ୍ରେସ ହଟୁନାହିଁ। ଖବରକାଗଜ ପଢୁ ପଢୁ ମିଶ୍ରେ ମଝିରେ ମଝିରେ ଅଟକି ଯାଆନ୍ତି ବୁଝିବାକୁ ତାଙ୍କ ଶ୍ରୋତାମାନେ ସବୁ ହାଲ ସମଝି ପାରିଲେ କି ନାହିଁ।

"ବିଶୋଇ, ଶୁଣିଲଟି। ଗାନ୍ଧି କହୁଚି ଭାରତ ସ୍ବାଧୀନ ହେବ। ସମଝା ପଡ଼ିଲାଟି?" ବିଶୋଇ ଆଡ଼ହସା ଦେଇ ଉତ୍ତର ଦିଏ ସେ ସବୁ ବୁଝୁଛି, ଭାରତବୋଇଲେ ହୁଲ୍ ତମାମ୍ ଆମ ଦେଶ-ସ୍ବାଧୀନ ବୋଇଲେ ଗାନ୍ଧି ମୁଲକ। ଖବରକାଗଜରେ ଟିକିଏ

*କଥା ସାହିତ୍ୟ*

# ସ୍ବରାଜ

*କବି ରଘୁନାଥ ଦାସ*

ସାହିତ୍ୟ ନଗେଇ ଲେଖିଛି ହେଲେ ଅର୍ଥ କଣ ଅଛପା ରହୁଛି?

ଆମ ଦେଶରେ ସ୍ବରାଜ ହବ, ସବୁଦରବ ଶସ୍ତା ହେବ, ସମସ୍ତେ ସୁଖ ଶାନ୍ତିରେ ରହିବେ। ଆଶାନ୍ବିତ ପ୍ରଶ୍ନ କୃକ ଅକପଟ ପ୍ରଶ୍ନ ତୁହାଇ ତୁହାଇ ପଚାରେ. " ସାଆନ୍ତେ ଗାନ୍ଧି ରଜା ହେଲେ ଆମକୁ ତ ଆଉ ଖଞ୍ଜଣା ଦେବାକୁ ପଡ଼ିବ ନାହିଁ?" ଗାନ୍ଧି ମୂଲକରେ ଚଷାକୁ କର ଦେବାକୁ ପଡ଼ିବ ନାହିଁ, ଜମିଦାର ଆଉ ମିଛ ନାଲିସ କରି ଘର ଦୁଆର ତାଡ଼ି ନେଇପାରିବେ ନାହିଁ। ଦି ଓଳି ମୁଠେ ଖାଇବାକୁ ମିଳିବ-ସରଳ ଗ୍ରାମବାସୀର କଳ୍ପନାରେ ସେହି ମୁଲକ ସରଗ। ଏ ପୃଥ୍ବୀ ଗାନ୍ଧି ମୂଲକରେ ପୁଣି ସରଗ ହବ-ଏ ବିଷୟରେ ମିଶ୍ରଙ୍କ ଠାରୁ ନିର୍ଭର ଜବାବ ପାଇ କାଳିଆ କୋତରା ସେହି ଲୋକ ଗୁଡ଼ାଙ୍କ ମେଳରେ କିପରି ଗୋଟିଏ ଚଇତାଳି ମାଦକତା ଖେଳିଯାଏ, ଚେମଡ଼ା ଚମଡ଼ା ଉପରେ ଉଲ୍ଲାସର ଭାବ ଫୁଟି ଉଠେ। କଲିକତାରେ ଖବର ଶୁଣିବାକୁ କବାଟ କଣେ ଅଣଆଡ଼ିଆ ହୋଇ ଛିଡ଼ା ହୋଇଥିବା ପଠାଣି ବୋଉ ଗୋଟିଏ ଦୀର୍ଘନିଶ୍ବାସ ପକେଇ କହେ, ଗାନ୍ଧିମୂଲକ କେବେ ହେବ ଲୋ ମା', ହୁଅନ୍ତା କି ଭଲା, ମୋ ପଠାଣିକୁ ଆଉ କଲିକତା ଛାଡ଼ନ୍ତି ନାହିଁ।

ପକ୍ଷ କରେ ପକ୍ଷ ଗଡ଼େ, ଗ୍ରାମବାସୀଙ୍କର ସପନ ସତ ହୁଏ ନାହିଁ। ଥରକୁ ଥର ଧାନ ପାଚେ, ଥରକୁ ଥର ଗହୀର ବିଲରେ ଢ଼େଙ୍ଗୁରା ବାଜେ ପ୍ରଚାର ଦଖଲ ଉଚ୍ଛେଦ କରି. ଥରକୁ ଥର ଗାଁ ଦାଣ୍ଡରେ ଅଦାଲତ ପିୟୁନ ହୁଦା ପକେଇ ଦେଖା ଦିଏ କୋରଖ ପରାବାନା ଭଗବାନ! ୟାର ଆଉ କଣ ଶେଷ ନାହିଁ? ଅସହାୟ କୃଷକ ପୁଣି କଳ୍ପନା କରେ କୋଉଦିନ ସ୍ବରାଜ ହେବ, କେବେ ଗାନ୍ଧି ରଜା ହେବ, ମୁଲକ ପୁଣି ସୁସ୍ତି ପଡ଼ିବ, ପ୍ରଜା ଆପଣା କମେଇଲା ଧାନ ନିର୍ଭୟରେ ଆପଣା ଖଳାକୁ ଆଣିବେ, ଗାଁର ଗଜା ଭେଣ୍ଡିଆ ଦକ ପେଟ ପାଇଁ ଆଉ ସାତ ସମୁଦ୍ର ତେର ନଇ ଡ଼େଇଁ ଚଟକଳକୁ ଯିବେ ନାହିଁ।

ଏହିପରି ଆଶା ଓ କଳ୍ପନାରେ ବରଷ ପରେ ବରଷ ଗଡ଼ିଲା, ସପନ ନାଏକ କେତେ ଥର କହିଚି " ସ୍ବରାଜ ହୁଅନ୍ତା କି ସେ ଟିକିଏ ଦେଖି କରି ମରନ୍ତା" ହେଲେ ନାହିଁ। ନବୀନ ସାହୁର କଳା ବାଳ ଧଳା ହେଲା, ସେ ଦିନ ଯିଏ ବୋହୂ ହେଇ ଗାଁ କୁ ଆସିଥିଲେ ସେ ପୁଣି ତାଙ୍କ ପୁଅ ପାଇଁ ବୋହୂ ଖୋଜିଲେଣି, ସ୍ବରାଜ ନାହିଁ!

" ସରକାର କଣ ସତେ ମୁଲକ ଛାଡ଼ିବ?"

ଏହି ନୈରାଶ୍ୟବୋଧ କଥା କେତେ ଲୋକ ତୁଣ୍ଡ ଖୋଲି କହିବାର ଶୁଣାଯାଉଥିଲେ ମଧ୍ୟ, ମନୁଷ୍ୟର ଆଶା ଏପରି ଅଠାଳିଆ ଯେ ଥରେ ମନରେ ବୋଳି ହୋଇଗଲେ, ଯେତେ ମାଜୁଥିଲେ ବି ସେ ଛାଡ଼େ ନାହିଁ। ଲୋକେ ପୁଣି ଆଗକୁ

www.jatayu.org

# ସ୍ବରାଜ

କବି ରଘୁନାଥ ଦାସ

ଅନେଇ ଅଛନ୍ତି, ଦିନେ ପୁଣି ଗାନ୍ଧି ମୂଲକ ହବ, ଏ ସାଲ ନ ହେଲେ, ଆର ସାଲ।

ଲୋକଙ୍କର ଏହି ମଧୁର କଳ୍ପନାରେ କଠୋର ଆଘାତ କରି ୟା ଭିତରେ ବହୁ ଘଟଣା ବାଆ ବତାସ ବହି ଯାଇଛି। ନେପଟିଏ ମଥାଣ ଉପରେ-ଜରମାନୀ ଯୁଦ୍ଧ ଲାଗିଲା,କଙ୍ଗରେସ ଗାଦି ଛାଡ଼ଲା, ଦରବପାତିର ଭାଉ ବଢ଼ିଲା, ଜାପାନ ମାଡ଼ି ଆଇଲା, ଗାନ୍ଧିଙ୍କୁ ସରକାର ବାନ୍ଧି ନେଲା, ଦେଶରେ ମହରଗ ପଡ଼ିଲା, ବାଟରେ ଘାଟରେ ମଣିଷ ମୁଣ୍ଡ ଗଡ଼ିଲା।

ଭୋକ ଓ ଉପାସ, ଅଭାବ ଓ ଦୈନ୍ୟ, ନୈରାଶ୍ୟ ଓ ହାହାକାର କୁହୁଡ଼ି ଭିତରେ ସ୍ବରାଜ୍ୟ ସତେ ଯେପରି ଦୂରକୁ ଦୂରକୁ ଅପସରି ଗଲା। ତା'ର ରୂପରେଖା ଝାପ୍‌ସା ହୋଇ ଗହୀର ଓ ପହଡ଼ରେ ଆରପଟେ କୁଆଡ଼େ ମିଳେଇ ଗଲା ପରି ବୋଧ ହେଲା। ଆମେ ଏ ଗାଁ ବାଲା ଏହିପରି ଢ଼ହଳ ବିକଳ ମରିବା, ପେଟକୁ ଦାନା ନାହିଁ, ପିନ୍ଧିବାକୁ କନା ନାହିଁ, ସାରା ପୃଥିବୀଟା ଯାକ ସେହିପରି ମରିବା। ଗାନ୍ଧି ମୁଲକ ହେବା ମିଛ। ବେଳୁବେଳ ଅଧିକ ନରକ, ଅଧିକ ଦୁଃଖ ଯନ୍ତ୍ରଣା, ଯିଏ ଚାଲିଗଲା ସେହି ଏକା ସୁଖୀ।

ଅନ୍ଧାରେ ଭିତରେ ଆଲୋକର କ୍ଷୀଣ ରେଖା ଦେଖାଗଲା, ଖବରକାଗଜ କହିଲା, ଯୁଦ୍ଧ ସରିଲା। ଗାଁ ଲୋକ ଭାବିଲେ ଏଣିକି ମଣିଷ ଟିକିଏ ନିଶ୍ବାସ ମାରିବେ, କିଛି ନ ହେଉ ଯୁଦ୍ଧ ହେବା ଆଗ ଅବସ୍ଥା ଲେଉଟି ଆସିଲେ କେଡ଼େ କଥା । ଦିନେ ପୁଣି ଯେତେବେଳେ ଗ୍ରାମବାସୀ ଶୁଣିବାକୁ ପାଇଲେ ଯେ କଂଗ୍ରେସ ମୁକୁଳିଲାଣି, ସରକାର ନେତାଙ୍କୁ ସବୁ ଛାଡି ଦେଲେଣି। କାଳ ନେଉଟିଲା ବୋଲି ଲୋକ ମନରେ କିମିତି ଟିକିଏ ଦମ୍ଭ ଆସିଲା, କଙ୍ଗରସ ଲୋକଙ୍କ ଭଲକୁ କିଛି ଗୋଟାଏ କରିବ, ଏ ମହରଗ କାଳ ଆଉ ରହିବ ନାହିଁ, ଢ଼ିବି ତେଲ ପକେଇବା ମଣିଷକୁ ଆଉ ୟା ତା ଓଳିତଳେ ଆଣ୍ଠୁଭାଙ୍ଗି ଛିଡ଼ାହେବାକୁ ପଡିବନାହିଁ।

କଙ୍ଗରସ ରାଜୁତି କରିବ, ସରକାର କଂଗ୍ରେସ ହାତରେ ରାଜ୍ୟ ଛାଡ଼ିଦେଇ ଚାଲିଯିବ ବୋଲି ବସିଛି; ଇମିତିକା କେତେ କଥା ଶୁଣାଗଲା- କେତେ ସତ, କେତେ ମିଛ ଭଗବାନଙ୍କୁ ଜଣା।"ହୁଅନ୍ତା ଭଲା" ଲୋକଙ୍କର ପୀଡ଼ିତ ଆତ୍ମା ଚିତ୍କାର କରି ଉଠିଲା- "ମଣିଷ ଆଉ ପାଞ୍ଚ ଦଶଟା ବରଷ ନିଶ୍ଚିନ୍ତରେ ପେଜ ପଖାଳ ଖାଇ ଜୀଇଯାଆନ୍ତା।" ମିଶ୍ରେ ପୁଣି ପଢି ଶୁଣେଇଲେ ଦେଶରେ କଂଗରେସ ମନ୍ତ୍ରୀ ହେଲେ। ଲୋକେ ଶୁଣିଲେ, ମୁହଁ ମୋଡ଼ି ଦେଲେ। କଂଗରସ ମନ୍ତ୍ରୀ ହେଲେ କେଉଥିକି ପାଏ ।ଗାଦି ମାଡ଼ି ତ ସରକାର ବସିଚି , ତା' ରାଜୁତି ସିଏ ଚଳେଇବ, ମନ୍ତ୍ରୀ କ'ଣ କରିବ, କିଏ କ'ଣ କରିବ? ଲୋକଙ୍କର ଗଲାଥର କଂଗରସ ମନ୍ତ୍ରୀ ହବା କଥା ମନେଅଛି । ତେଣୁ ଏ ସମ୍ବାଦରେ ଆଶାନ୍ବିତ ହେବାର କିଛି ଦେଖିଲେ ନାହିଁ। ଲୋକଙ୍କର ଦୁଃଖମୋଚନ ହେବ ଯେବେ ଗାନ୍ଧି ରଜା ହୁଏ।

Powered by Tekons

*କଥା ସାହିତ୍ୟ*

# ସ୍ବରାଜ

କବି ରଘୁନାଥ ଦାସ

ଜହରଲାଲ କହିଲେ ଆଉ ବି ସାନ ବଡ଼ କଂଗ୍ରେସ ନେତା ସବୁ କହିଲେ, ମିଶ୍ରେ ପଢ଼ି ଶୁଣାଇଲେ , ଏଇଥର ଦେଶ ସ୍ବାଧୀନ ନ ହେଲେ ଦେଶର ଅବସ୍ଥା ବଦଳିବ ନାହିଁ,ଏଇଥର ଦେଶ ସ୍ବାଧୀନ ହେବ।

"କେବେ?" ଲୋକେ ପଚାରିଲେ ; ଆଉ ଚାହିଁ ଚାହିଁ ତ ଯୁବା ବୟସରୁ ଆସି ବୁଢ଼ା ହେଲୁ। ଆଉ କେତେ କାଳ?

ନେତା କହିଲେ ଆଉ ଡେରି ନାହିଁ। ଆମ ଦେଶ ସ୍ବାଧୀନତାର ଏରୁଣ୍ଡି ବନ୍ଧ ଉପରେ । ଆମେ ସ୍ବରାଜ୍ୟ ଭୋଗିପାରିବୁ ତ? ଉତ୍ସୁକ ଜନତା ପ୍ରଶ୍ନ କଲା।ଆଶବାଣୀ ଶୁଣି ଶୁଣି ତ ତାଙ୍କ ସାଙ୍ଗର କେତେ ଲୋକ ଟଳି ପଡ଼ିଲେଣି। ତେବେ- ବି ସ୍ବାଧୀନତାର ସୁନା ମୃଗ ଧରା ପଡ଼ିନାହିଁ। ସ୍ବାଧୀନତା ଆଉ କେତେ ବାଟ? କେବେ?

ଛାଇ ନେଉଟା , ଗୋବିନ୍ଦା ସେଇ ପଟେ ପଖାଳ ଖାଇସାରି ଖରାକୁ ପିଠି କରି ବସି ଝୋଟ କେରାଏ ଧରିଚି ବାଣୀ କରିବ ବୋଲି, ମିଶ୍ରେ ଖବର କାଗଜଟା ଧରି ସବୁଦିନ ଭଳି ଗଳା ଖଙ୍କାରଟା ମାରି ଗୋବିନ୍ଦାକୁ ଡାକ ପକାଇଲେ।

ଆରେ ଗୋବିନ୍ଦା, ଇଆଡ଼େ ଆ, ଇଆଡେ ଆ, ଶୁଣି ଯା- ସବୁ ହୋଇଗଲା। ଆଉ ବାକି ନାହିଁ କିଛି।

ଗୋଟିକ ପରେ ଗୋଟିକ ଶ୍ରୋତା ଗଡିଲେ, କଣ ନୂଆ କଥା ହେଇଚି, ମିଶ୍ରେ ଡାକ ପକେଇଛନ୍ତି,ଶୁଣିବାକୁ । ଗୋବିନ୍ଦା ଆସିଲା, ଧନିଆ ଆସିଲା, ସାନ ହରିଆ ଆସିଲା , ଗାଁଟାରୁ ଅଧେ ଲୋକ ଜମିଗଲେ । ମିଶ୍ରେ ତାଙ୍କ ଶ୍ରୋତାମାନଙ୍କ ଆଗରେ ଗର୍ବ ପ୍ରକାଶ କରି କହିଲେ ଯେ ସେ ଯାହା ଏତେ ଦିନ ଆଗରୁ ଭବିଷ୍ୟତ ବାଣୀ କରି ଆସୁଥିଲେ, ତାହା ଆଜି ସତ ହେଇଚି , ଆଜି କଂଗ୍ରେସ ଦେଶକୁ ସ୍ବାଧୀନ କରି ଦେଇଛି।

ଏଡ଼େ ବଡ଼ ଶୁଭ ଖବରଟା ଶ୍ରୋତାମାନେ ଏତେ ଆକସ୍ମିକ ଭାବରେ ପାଇ ହଜମ କରିପାରିଲେ ନାହିଁ। କାହିଁ, ସ୍ବାଧୀନତା କାହିଁ? ଆମର ଚାଳ ଯୋଉ ନୂଆଣିଆକୁ ତ ସେଇ ନୂଆଣିଆ, ଆମ ପେଟରେ ଯୋଉ ଭୋକକୁ ତ ସେହି ଭୋକ, ଗାନ୍ଧିମୂଳକ ହେଲା କୁଆଡୁ? ମିଶ୍ରେ ଖବରକାଗଜର ପୃଷ୍ଠା ଓଲଟାଇ ଫେର୍ ଶୁଣାଇ ଦେଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ ମାନ୍ୟବର ହରେକୃଷ୍ଣ ମହତାବ ଖୋଦ୍ ଲାଟସଭାରେ କହିଛନ୍ତି, ମିଛ ହୋଇନପାରେ । ଭାରତ ସ୍ବାଧୀନ ହୋଇଗଲାଣି। ଗାଁର ଲୋକେ ମୁଣ୍ଡ ନୁଆଇଁ ସବୁ ଶୁଣିଗଲେ । ହେଇଥାଇପାରେ , ଆମ ଗାଁକୁ ସ୍ବରାଜ ପହଞ୍ଚୁ ପହଞ୍ଚୁ ଦିନେ ଓଳିଏ ଡେରି ହୋଇଯିବ, କଚା ରାସ୍ତା , ବିଲଖାଲ , କାଦୁଅପଙ୍କ ବାଟ।

ଗାନ୍ଧିମୂଳକ ହୋଇଯିବା ଶୁଣି ଗୋପାଳିଆ ଭାବୁଥିଲା କପିଳ ଓଝାଳି ପାଖେ ବନ୍ଧା ପଡ଼ିଥିବା ନୋଥ ପଟକ କେବେ ସେ ମୁକୁଳେଇବ। ଭିକା ଭାରି ଖୁସି ହେଲା ଯେ ପରବକୁ ଯେଉଁ ଲୁଗା କିଣିବ, ସେଥିକି ଉ ଭୋବନି ପୃଷ୍ଟିକୁ ଟଙ୍କା ମୁଣ୍ଡେ

www.jatayu.org

# ସ୍ବରାଜ

*କବି ରଘୁନାଥ ଦାସ*

ଦିସୁକା କିଳାପୋତେଇ ଦେବାକୁ ପଡ଼ିବ ନାହିଁ। ପିତେଇ ଗୋଖା କଳ୍ପନା କରୁଥିଲା, ଏଥର ତା' ଦାଣ୍ଡଘର ବଖରାକ ପୁଣି ମରାମତି କରି ଛିଡ଼ା କରିବ, ନୀଳା ମନେ ମନେ ଠିକ୍ କଲା ଯେ ମଣି ବାରିକ ଜମିଦାର ସାଆନ୍ତଙ୍କ ହାତଗୋଡ଼ ଧରି ସାତପୁରୁଷ ଡିହରୁ ଉଡ଼େଇ ଦେଦ ବୋଲି ଯୋଉ ଚେଷ୍ଟା ଲଗେଇଚି,ଯେ ପାଠ ଆଉ ଏଣିକି ବୋଲ କରିବ ନାହିଁ। ଗାନ୍ଧିମୁଲକରେ , ସ୍ବାଧୀନ ଭାରତରେ ଝାପ୍‌ସା ଛବି କାହା ମନରେ ରଙ୍ଗ ବେରଙ୍ଗ କେତେ ଛାପ ମାରି ଦେଇ ଯାଉଚି, ଏତିକିବେଳେ କଣା ବଳିଆ ସେମାନଙ୍କର କଳ୍ପନାରେ ବାଡ଼ ପକେଇଦେଲା। ଗହୀର ମଝି ଶୁଳିଆ ବରଗଛ ପାଖରେ କିଏ ଦି'ଜଣ ଆସୁଛନ୍ତି। ଯଦୁଆ ଠଉରେଇଲା, ନିମା ଆଉ ମୁକୁନ୍ଦା ହେବେପରା, ଚାଲିରୁ ଜଣାପଡୁଛି। ଭୋବନା କଣା ବଳିଆକୁ ଭୁରୁଡ଼ିରେ ଉଡ଼େଇ ଦେଲା, "ଗୋଟାଏ ଆଖିରେ ତୋତେ ଚଉଦ ଭୁବନ ଦିଶୁଛି? କଲିକତା ଫେରନ୍ତା ଲୋକତ ନିଆରା ବାରି ହୋଇଯିବ। ହାତରେ ଛାଗ ନାହିଁ, ମୁଣ୍ଡରେ ବୋକଚା ନାହିଁ, ପୁଙ୍ଗୁଳା ଦିହେ ଦିହେ। ଭାରି ଚିହ୍ନିଲା।"

ବେଙ୍ଗି ବୋଉ କହିଲା, "ମଲା, ମୁକୁନ୍ଦା ଗାଁକୁ ଫେରିବାରର ହୋଇଥିଲେ ଆଗରୁ ଭାଷା ଖଣ୍ଡେ ଦେଇନଥାନ୍ତା? ମୁକୁନ୍ଦା ନୁହେଁ ମ- ଆଉ କୋଉ ଗାଁର କିଏ ହୋଇଥିବେ।"

ଭିଜନା ଅନୁମାନ କଲା ପଛଜଣକ ନିମା ଛଡା ଆଉ କେହି ନୁହେଁ, ସିମିତି ମୁଣ୍ଡକୁ ପୋତି ହାତକୁ ହଲେଇ ହଲେଇ ଚାଲୁଛି ସେ। ସେ ଦି' ଜଣ କୁମ୍ଭାର ଘର ବିଲରେ ପଡ଼ି ସାତମରା ଖମାରେ ଗଡ଼ି ହିଡ଼େ ହିଡ଼େ ମାଁ ଆଡ଼କୁ ମୁହେଇଛନ୍ତି। ମଝିରେ ମଝିରେ କାଇଁକି ସେମାନେ ମୁହଁ ବୁଲେଇ ପଛକୁ ଚାହିଁଥାନ୍ତି, ପୁଣି ଚାଲିଥାନ୍ତି। ରୁଣ୍ଡ ହୋଇଥିବା ଲୋକଙ୍କର ଆଖି ସେଇ ଦି' ଜଣଙ୍କ ଉପରେ। ବଡ଼ ପାଟିଆ ମଦନା କହିଲା, " ହଇରେ, ଇଏ ତ ମୁକୁନ୍ଦା, ନିମା। ହେଲା ହେଲା। ମିଶ୍ରଙ୍କ କଥା ଠିକ୍ ଘଟିଲା। ଭଲା, ମୁଲକ ତ ସ୍ବରାଜ ହେଲା। ଆଉ ଲୋକ ଘର ଦୁଆର ପୁଅ ମାଇପ ଛାଡି ବିଦେଶରେ ପଡି ରହିବେ କାହିଁକି? ହେଲା ହେଲା ଖବା କାଗଜ ଯାହା କରୁଥିଲା ସତ। ମନ୍ତ୍ରୀ ଯାହା କରୁଥିଲେ ସତ।ଆଃ"

ମୁକୁନ୍ଦା ଆଉ ନିମା ମିଶ୍ରଙ୍କ ଦୁଆରେ କୁଣ୍ଡ ତଳେ ଲଗେଇ ମାନ୍ୟ ଜଣାଇଲେ। ଗୋଟାକ ଉପରେ ଗୋଟାଏ କଲିକତା ହାଲଚୁ, ଦିହ ହାଲିଆ ହୋଇଯିବା ପର୍ଯ୍ୟନ୍ତ ଏତେଗୁଡ଼ାଏ ପ୍ରଶ୍ନ ତାଙ୍କ ଉପରେ ନଦି ହୋଇ ପଡିଲା ଯେ ଜଣେ ଲୋକକୁ ସବୁଯାକ ଉତ୍ତର ଦେବାକୁ ଲାଗିବ ଓଳିଏ। କୁମୁନ୍ଦା ଆଉ ନିମା ଭକୁଆ ଭଳିଆ ଛିଡ଼ା ହୋଇ ରହିଲେ, ତୁଣ୍ଡରେ ରାହା ନାହିଁ, ଆଖିରେ ପୁଆ ନାହିଁ। ଘଡ଼ିଏ ପରେ ମୁକୁନ୍ଦା କହିଲା, " ମୁଁ ପିଇବି।"

ନିମା ନଥ କରି ବସି ପଡିଲା, " ସାଆନ୍ତେ ପ୍ରାଣ ପାଇଲୁ। ଗାଁ ମୁହଁ ଦେଖିବୁ ବୋଲି କୋଉ ଭରସା ଥିଲା ଆଉ।"

କଥା କ'ଣ ଜାଣିବାକୁ ସମସ୍ତେ ଉତ୍କଣ୍ଠିତ ହୋଇପଡିଲେ। ଥଙ୍ଗେଇ ମୁକୁନ୍ଦା କହିଲା, କିମିତି କଲିକତାର ବାଟଘାଟରେ ମୁର୍ଦ୍ଦାରର ପାହାଡ଼ ଜମା ହୋଇଛନ୍ତି, କିମିତି ଭଙ୍ଗା ଡ଼ାବଲ ଭିତରେ ସେମାନେ ଅଖିଆ ଅପିଆ ଲୁଚି ରହିଲେ, କିମିତି

# ସ୍ୱରାଜ

*କବି ରଘୁନାଥ ଦାସ*

ପଠାଣ ଓଡ଼ିଆକୁ କାଟିଲେ, ଶିଖ ପଠାଣିଙ୍କୁ କାଟିଲେ, କିମିତି ରାସ୍ତାରେ ରକ୍ତ ପଚ ପଚ ହେଉଚି, ସହର ଅଧେ ନୋକ ପତଳା ହେଇଯାଇଛନ୍ତି।

କାହିଁକି?ଗାନ୍ଧି କହୁଚି, " ମୁଁ ରାଜା ହେବି" ପଠାଣ କହୁଚି " ମୁଁ ରଜା ହେବି।"

ଆପଣା ପ୍ରାଣ ଘେନି ଯେଝା ଖଞ୍ଜରେ ଯିଏ ପଳେଇ ଆସିଚି, କାହାକୁ କିଏ ନୋଡୁଚି। ପଠାଣି ଥିଲା-ପଡ଼ାରେ, ବାବୁଘର ବାଡ଼ିରେ । ଗାଡ଼ିରେ ଲୋକ କଥା ଭାଷା ହେଉଥିଲେ ସେ ପଡ଼ାରେ ଆଉ ବିଲେଇ ଛୁଆଟାଏ ବି ନାହିଁ-ସବୁ ପୋଛାପୋଛି।

ବରକୋଳି ଗଛ ତଳ ଛପର କୁଡ଼ିଆର ତାଟି ଦୁଆର ଧଡ଼ାସ୍ କରି ବିଞ୍ଝାଡ଼ି ହୋଇପଡ଼ିଲା। ତା' ଭିତରୁ ଝଡ଼ ପରି ଛୁଟି ଆସିଲା ପଠାଣି ବୋଉ, ମିଶ୍ରଙ୍କ ପଥର ପାହଚରେ ଢୁ ଢୁ କରି ମୁଣ୍ଡ ବାଡ଼େଇଦେଲା, ଭଲା। ମିଶ୍ରେ କଣ କଲିକତା ଗଣ୍ଡଗୋଳ ଭିଆଇଲେ ଯେ ତାଙ୍କ ଦୁଆରେ ବୁଢ଼ୀ ମୁଣ୍ଡ ବାଡ଼େଇବ? ନା,ହଣାମରା ହବ ବୋଲି କାହାକୁ କହି ଦେଲା? କିନ୍ତୁ ସାଆନ୍ତଙ୍କ ଗୋଡ଼ ଧରି ଲହୁ ଲୁହାଣ ହେଇ ବୁଢ଼ୀ ଯେତେବେଳେ ଭୂଇଁରେ ଲୋଟିଗଲା ମିଶ୍ରଙ୍କ ଛାତିଟା କାହିଁକି କେଜାଣି ଦବିଗଲା, ସତେ ଯେପରି ତାଙ୍କର ବିବେକ ତାଙ୍କୁ କାଇଲି କରୁଛି।

ଜନତା ଫାଟିଲା, ବୁଢ଼ୀର ଚେତା ଆଣିବାକୁ ତା' ମୁହଁରେ ପାଣିଛାପ ଦଉ ଦଉ ମଦନ ପଧାନ କହିଲା, ' ମିଶ୍ରେ ଆଜ୍ଞା, କହୁଥିଲେପରା ଗାନ୍ଧି ରାଜ୍ୟ ଆଣିବ ସତ, ଚଳାଇପାରିବ ନାହିଁ। ଦେଖିଲ ତ ଆପଣ।" ମିଶ୍ରେ ଶୁଣିଗଲେ।

ଯୁଆଳିରେ ବଳଦ ଯୋଚି କାନ୍ଧରେ ମଇ, ହାତରେ ପାଞ୍ଚଣ ଧରି ଆଗପଛ ହେଇ ଉଦିଆ ଆଉ ନବା ଯେତେବେଳେ ସାପେ ଆଡ଼କୁ ମୁହାଁଥାନ୍ତି, ଉଦିଆ ତା'ର ସମସ୍ତ ରାଜନୈତିକ ଅଭିଜ୍ଞତାକୁ ଭାଷା ଦେଲା, " ବୁଝିଲୁ ନବାଭାଇ, ଯିଏ ରାଜା ହେବ ହେଉ ଆମ ଦୁଃଖ ଆଉ ଗଲା ନାହିଁ।"

ନବା ଏକମତ। ସମସ୍ତେ ଏକାରେ ଭାଇ, ଇଏ ବାଘ ହେଲେ, ସି, ଭାଲୁ। ଆମ ଏ ମଳି ମଣ୍ଡିଆ ପ୍ରଜାଙ୍କ ମୁଣ୍ଡ ଚୋବେଇବାକୁ ସମସ୍ତେ ଆଗ। ରାଜ୍ୟ ଆଉ କେବେ ସୁସ୍ତି ପଡିଲା ନାହିଁ। ଉଦିଆ ଟିକିଏ ଖୁସ୍ ମାରି ଗଲା, ପଛରେ ଦାର୍ଶନିକ ଗମ୍ଭୀର ସ୍ୱରରେ କହିଲା, " ରାଜ୍ୟ ସୁସ୍ତି ପଡିବ ଯେବେ..." "... ଯେବେ ଉଦିଆ ଭାଇ ରାଜା ହେବ।" ଅଣଓସାରିଆ ଉଚା ପିଣ୍ଡା ଉପରୁ ଘନିଆ ପଦ ପୂରଣ କରିଦେଇ ଆପଣା କଥାରେ ଆପେ ହସି ଉଠିଲା।

ଘନିଆ ରହସ୍ୟ ଉଦିଆକୁ ସ୍ପର୍ଶ କଲା ନାହିଁ। ଉଦିଆ ଛିଡ଼ା ହୋଇଯାଇ ଘନିଆର ମୁହଁକୁ ମୁଣ୍ଡ ଟେକି ଆନାଇଲା। ସତ କହିଲୁ ଭାଇ, ଯେବେ ଉଦିଆ ରାଜା ହେବ ତେବେ ଏ ଅଂରେଜ ନୁହେଁ କଂଗରସ ନୁହେଁ। ଉଦିଆ ଏକା ବୁଝେ ଉଦିଆ ଦୁଃଖ, ଘନିଆ ଦୁଃଖ, ନବାର ଦୁଃଖ, ଏ ହଜାର ଲୋକଙ୍କ ଦୁଃଖ। ଆଉ କେହି ନାହିଁରେ-ଆଉ ସବୁ ମିଛ।"

www.jatayu.org

Powered by Tekons

# ସ୍ବରାଜ

କବି ରଘୁନାଥ ଦାସ

ବଳଦ ଯାଇ ବିଲକୁ ଗଡୁଥିଲେ, କାଳେ ଗଜା ଧାନ ଗଛ ଗୁଡ଼ାକ ଖରାପ କରିଦେବେ, ଏହି ଆଶଙ୍କାରେ ହ ହ ଡ଼କା ପାରି ଉଦିଆ

ଲମ୍ବା ଲମ୍ବା ପାଦ ପକାଇ ଧାଇଁଲା। ଘନିଆ ମନ ଭିତରେ ଉଦିଆର ଘଣ୍ଟାର ପେଣ୍ଡୁଲମ୍ ଦୋଳି ଖେଳିଲା, 'ଉଦିଆ ତ କମ୍ କଥା କହି ନାହିଁ।"

www.jataayu.org